SLNo-1204/Ch
25.10.18

SLNO-7082
26/10/18

ପ୍ରିନ୍‌ସପାଲଙ୍କ କାର୍ଯ୍ୟାଳୟ

ସରକାରୀ କନିଷ୍ଠ ବିଜ୍ଞାନ ମହାବିଦ୍ୟାଳୟ, ଆୟବା, କେନ୍ଦ୍ରାପଡ଼ା-୭୫୪୨୧୨

---

କ୍ର. ନଂ - 390 ............ ତା - 03/10/18

COE 27.10.18

SLNO 2534
30/10/18

So. EG-I

ମାନନୀୟ ନିର୍ଦ୍ଦେଶକ
ଉଚ୍ଚମାଧ୍ୟମିକ ଶିକ୍ଷା ପରିଷଦ
ଭୁବନେଶ୍ୱର, ଓଡ଼ିଶା

ବିଷୟ : ନାମଲେଖା ଯୋଗାଯୋଗ କେନ୍ଦ୍ର (ନୋଡାଲ ସେଣ୍ଟର) ଖୋଲିବା ସମ୍ବନ୍ଧରେ ।

ମହାଶୟ,

ଉପର ଲିଖିତ ବିଷୟ ପ୍ରତି ଆପଣଙ୍କ ସବିନୟ ଦୃଷ୍ଟିଗୋଚର କରୁଛି ଯେ, ସମଗ୍ର କେନ୍ଦ୍ରାପଡ଼ା ଜିଲ୍ଲାରେ ସରକାରୀ କନିଷ୍ଠ ବିଜ୍ଞାନ ମହାବିଦ୍ୟାଳୟ, ଆୟେବା କେନ୍ଦ୍ରାପଡ଼ା ଏକମାତ୍ର ସରକାରୀ ମହାବିଦ୍ୟାଳୟ । ସରକାରଙ୍କର ସମସ୍ତ ବିଧିବ୍ୟବସ୍ଥା ଏଠାରେ ଠିକ ଭାବରେ ପାଳିତ ହୋଇଆସୁଛି । ପ୍ରତ୍ୟେକ କ୍ଷେତ୍ରରେ ସରକାରଙ୍କଠାରେ ଆମେ ଉତ୍ତର ଦାୟୀ ମଧ୍ୟ ରହିଆସିଛୁ । ଏହି ମହାବିଦ୍ୟାଳୟ ଆଖପାଖରେ ଅନ୍ୟ ବେସରକାରୀ ମହାବିଦ୍ୟାଳୟ ମଧ୍ୟ ଅଛି । ଏଠାରେ ଏକ ନାମଲେଖା ଯୋଗାଯୋଗ କେନ୍ଦ୍ର ଶିକ୍ଷାବର୍ଷ ୨୦୧୯-୨୦ ରୁ ଖୋଲିବା ପାଇଁ ଆବେଦନ କରୁଅଛୁ । ନାମଲେଖା ଯୋଗାଯୋଗ କେନ୍ଦ୍ର (ନୋଡାଲ ସେଣ୍ଟର) ଖୋଲାଯିବା ପାଇଁ ଆବଶ୍ୟକୀୟ କମ୍ପ୍ୟୁଟର, ଇଣ୍ଟରନେଟ ସୁବିଧା, ନିୟମିତ ବିଦ୍ୟୁତ ସଂଯୋଗ ଓ ସୁଦକ୍ଷ କର୍ମଚାରୀ ମଧ୍ୟ ଅଛନ୍ତି । ତେଣୁ ଏଠାରେ ନାମଲେଖା ଯୋଗାଯୋଗ କେନ୍ଦ୍ର ଖୋଲାଯିବା ସହିତ ଏହାର ନିକଟବର୍ତ୍ତୀ ମହାବିଦ୍ୟାଳୟଗୁଡ଼ିକୁ ଅନ୍ତର୍ଭୁକ୍ତ କଲେ ସରକାରୀ ମହାବିଦ୍ୟାଳୟ ଭାବେ ଏହାର ସମ୍ମାନ ବୃଦ୍ଧିସହିତ ଲୋକଲୋଚନକୁ ସହଜରେ ଆସିପାରନ୍ତା । ସରକାରଙ୍କ ବିଧିବ୍ୟବସ୍ଥା ଓ ନିୟମ ପାଳନରେ ଯଥାର୍ଥ ଅବଲମ୍ବନ କରାଯାଇପାରନ୍ତା ।

ଏଣୁ ବିନୀତ ଅନୁରୋଧ କରୁଛି ଆପଣ ସରକାରୀ କନିଷ୍ଠ ବିଜ୍ଞାନ ମହାବିଦ୍ୟାଳୟ, ଆୟେବା, କେନ୍ଦ୍ରାପଡ଼ାରେ ନାମଲେଖା ଯୋଗାଯୋଗ କେନ୍ଦ୍ର (ନୋଡାଲ ସେଣ୍ଟର)- ୨୦୧୯-୨୦ରୁ ଖୋଲିବାକୁ ଅନୁମତି ଦେବା ସହିତ ବିହିତ ପଦକ୍ଷେପର ବ୍ୟବସ୍ଥା କରାଇବାକୁ ନିବେଦନ କରୁଅଛି ।

ଆପଣଙ୍କ ବିଶ୍ୱସ୍ତ

ଆୟେବା, କେନ୍ଦ୍ରାପଡ଼ା
ତା ୦୩।୧୦।୨୦୧୮

3.X.18

ଅଧ୍ୟକ୍ଷ
ସରକାରୀ କନିଷ୍ଠ ବିଜ୍ଞାନ ମହାବିଦ୍ୟାଳୟ
ଆୟେବା, କେନ୍ଦ୍ରାପଡ଼ା

Principal
Govt.Junior Science College,
Aveba, Kendrapar

To
The Dy. Director,
O/O the Director of H.S. Education